# NATIONAL NEWS BULLETIN (ODIA)

## 11 June - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।

– ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେଲା ଏକାଦଶ ନୀତିଆୟୋଗ ପରିଚାଳନା ପରିଷଦ ବୈଠକ ।

- ଲିଙ୍ଗ ନିରୂପଣ ନିଷେଧ ଆଇନ୍‌ର କଠୋର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଲେ ସୁପ୍ରିମ୍‌କୋର୍ଟ୍ ।

- ମାଳଦୀପରେ ବୃଦ୍ଧି ପାଉଥିବା ମିଳିମିଳା ରୋଗକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ୨୦ ହଜାର ଡୋଜ୍ ଟିକା ଯୋଗାଇଲା ଭାରତ ।

ଏବଂ

- ଆଜିଠାରୁ ଆରମ୍ଭ ହେଉଛି ୨୦୨୬ ଫିଫା ବିଶ୍ୱକପ୍ ଫୁଟ୍‌ବଲ୍ ପ୍ରତିଯୋଗିତା ।

– ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ ଉଦ୍‌ଘାଟନୀ ମ୍ୟାଚ୍ ।

## ପିଏମ୍-ନିତିଆୟୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବୈଶ୍ୱିକ ଅସ୍ଥିରତା ସତ୍ତ୍ୱେ ଭାରତ ଆତ୍ମବିଶ୍ୱାସ ଏବଂ ଦୃଢ଼ତାର ସହିତ ଅଭିବୃଦ୍ଧି ପଥରେ ଗତି କରୁଛି । ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନରେ ଆଜି ନୀତି ଆୟୋଗର ଏକାଦଶ ପରିଚାଳନା ପରିଷଦ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ମୋଦୀ କହିଛନ୍ତି, ବିକଶିତ ଭାରତ ସ୍ୱପ୍ନ ସାକାର ଦିଗରେ ଦେଶ ଅଗ୍ରଗତି କରୁଥିବାରୁ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ସାମୂହିକ ଦାୟିତ୍ୱ ବୃଦ୍ଧି ପାଉଛି । ସହଯୋଗ, ଆଲୋଚନା ଏବଂ ଅଂଶିଦାରପୂର୍ଣ୍ଣ ଦାୟିତ୍ୱ ମାଧ୍ୟମରେ ରାଜ୍ୟଗୁଡ଼ିକ ପାରସ୍ପରିକ କ୍ରିୟା ପାଇଁ ମାର୍ଗଦର୍ଶନ କରିବାକୁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଗୁଣାତ୍ମକ ଶିକ୍ଷା, ଆବଶ୍ୟକତା ଆଧାରିତ ଦକ୍ଷତା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ମାଧ୍ୟମରେ ଯୁବବର୍ଗଙ୍କ ପାଇଁ ଏକ ବ୍ୟବସ୍ଥିତ ଇକୋସିଷ୍ଟମ ସୃଷ୍ଟି କରିବା ଉପରେ ପ୍ରାଥମିକତା ପ୍ରଦାନ କରାଯିବା ଉଚିତ୍ । ସଶକ୍ତ ଯୁବବର୍ଗ ବିକଶିତ ଭାରତ ଯାତ୍ରାରେ

ପ୍ରେରଣାଦାୟକ ଶକ୍ତି ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି । ବିଭିନ୍ନ ଦେଶ ସହ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତି ଅଭିବୃଦ୍ଧି ଓ ରପ୍ତାନୀ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି ।

ମହିଳା ନେତୃତ୍ୱାଧୀନ ବିକାଶ ହେଉଚି ବିକଶିତ ଭାରତ ଦୃଷ୍ଟିକୋଣର ମୂଳ ଦୁଆ ବୋଲି ଶ୍ରୀ ମୋଦୀ କହିଛନ୍ତି । କୃଷି, ଷ୍ଟାର୍ଟଅପ୍‌ଠାରୁ ବିଜ୍ଞାନ ଏବଂ ନବସୃଜନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ମହିଳା ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପ୍ରଦାନ କରିଛନ୍ତି । ଶିକ୍ଷା, ଦକ୍ଷତା, ସୁରକ୍ଷା ଓ ସଶକ୍ତିକରଣକୁ ପ୍ରାଥମିକତା ପ୍ରଦାନ କରି ଭାରତକୁ ଅଭିବୃଦ୍ଧି ମାର୍ଗରେ ଆଗେଇ ନେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ବୈଠକରେ ଉଦ୍ୟୋଗ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା, ଦକ୍ଷତା ବୃଦ୍ଧି ଏବଂ ନିରନ୍ତର ନିଯୁକ୍ତିସୁଯୋଗ ସୃଷ୍ଟି ଆଧାରିତ ପଦକ୍ଷେପଗୁଡ଼ିକ ଉପରେ ବିଚାର ବିମର୍ଶ କରାଯାଇଛି । ୨୦୪୭ ବିକଶିତ ଭାରତ ପାଇଁ ସମାବେଶୀ ନାଗରିକ ବିକାଶ ପ୍ରସଙ୍ଗ ଆଧାରିତ ଏହି ବୈଠକ ଅନୁଷ୍ଠିତ ହେଉଛି । ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପରାଜ୍ୟପାଳ ପ୍ରମୁଖ ଯୋଗଦେଇ ସମାବେଶୀ ମାନବ ବିକାଶ ଢାଞ୍ଚା ଉପରେ ଆଲୋଚନା କରିଛନ୍ତି । ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଯୋଗଦେଇଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ବିକାଶ ସହିତ ବିଶ୍ୱସ୍ତରରେ

ପ୍ରତିଯୋଗିତାମୂଳକ କ୍ଷେତ୍ରରେ ସ୍ଥିତି ସୁଦୃଢ଼ କରିବା ଲକ୍ଷ୍ୟ ନେଇ ସରକାରଙ୍କ ଦୃଷ୍ଟିକୋଣ ଆଧାରିତ ପଦେକ୍ଷପ ଗ୍ରହଣ ଉପରେ ନୀତି ଆୟୋଗ କାର୍ଯ୍ୟ କରୁଛି ।

## ଏସ୍‌ସି-ପିସିପିଏନ୍‌ଡିଟି ଆକ୍ଟ

ପି.ସି.ପି.ଏନ୍.ଡି.ଟି. ଆଇନ୍‌ର ଦୃଢ଼ କାର୍ଯ୍ୟାନ୍ୱୟନ ଉପରେ ସୁପ୍ରିମ୍‌କୋର୍ଟ୍ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବିଚାରପତି ଜଷ୍ଟିସ୍ ସଂଜୟ କରୋଲ ଏବଂ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି କହିଛନ୍ତି, ବେଟି ବଚାଓ ବେଟି ପଢ଼ାଓ, ଜନନୀ ସୁରକ୍ଷା ଏବଂ ଲାଡଲି ଲକ୍ଷ୍ମୀ ଯୋଜନା ଭଳି ସରକାରୀ ପଦକ୍ଷେପ ଗୁଡ଼ିକ ବ୍ୟବସ୍ଥାଗତ ବୈଷମ୍ୟ ଦୂର କରିବାରେ ରହିଥିବା ପ୍ରୟାସକୁ ପ୍ରତିଫଳନ କରୁଛି । ଲିଙ୍ଗ ଅନୁପାତ ଉପରେ ଉଲ୍ଲେଖ କରି ଖଣ୍ଡପୀଠ କହିଛନ୍ତି, କେତେକ ରାଜ୍ୟର ଲିଙ୍ଗଗତ ଅନୁପାତ ଜାତୀୟ ହାରଠାରୁ ମଧ୍ୟ କମ୍ ରହୁଛି ।

୧୯୯୧ ମସିହାରେ ଲିଙ୍ଗଗତ ଅନୁପାତ ୯୪୫ ଥିବା ବେଳେ ୨୦୦୧ ମସିହାରେ ୯୨୭ ଏବଂ ୨୦୧୧ ମସିହାରେ ୯୧୯କୁ ହ୍ରାସ ପାଇଥିଲା । ଏହିସବୁ ପରିସଂଖ୍ୟାନକୁ ଦୃଷ୍ଟିରେ ରଖିଲେ ଲିଙ୍ଗ ନିରୂପଣ ନିଷେଧ ଆଇନ୍‌ର କଠୋର କାର୍ଯ୍ୟାନ୍ୱୟନର ଆବଶ୍ୟକତା ରହିଛି ବୋଲି

ସୁପ୍ରିମ୍‌କୋର୍ଟ୍‌ କହିଛନ୍ତି । ଏହି ଆଇନ୍‌ର କେତେକ ଧାରା ଆଧାରରେ ଜଣେ ଡାକ୍ତରଙ୍କ ପକ୍ଷରୁ ଆଗତ ଆବେଦନକୁ ଖାରଜ କରି ସୁପ୍ରିମ୍‌କୋର୍ଟ୍‌ କହିଛନ୍ତି, ପୁତ୍ର ସନ୍ତାନ ପ୍ରାପ୍ତି ସଂକ୍ରାନ୍ତ ସାମାଜିକ ଚିନ୍ତାଧାରା ଲିଙ୍ଗ ନିରୂପଣ ପଦକ୍ଷେପର ଏକ ପ୍ରମୁଖ କାରଣ ପାଲଟୁଛି ।

# ପିଏମ୍ ଜି-୭ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ସ୍ଲୋଭାକିଆ ଓ ଫ୍ରାନ୍ସ ଗସ୍ତରେ ଯିବେ ।  ଫ୍ରାନ୍ସ ଗସ୍ତ ଅବସରରେ ଶ୍ରୀ ମୋଦୀ ଆଗାମୀ **G7** ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପଶ୍ଚିମ ଭାଗ ସଚିବ ସିବି ଜର୍ଜ୍‌ କହିଛନ୍ତି, ଗସ୍ତର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ମୋଦୀ ୧୬ ତାରିଖ ପର୍ଯ୍ୟନ୍ତ ସ୍ଲୋଭାକିଆକୁ ଯିବେ । ୧୯୯୩ ମସିହାରେ ସ୍ଲୋଭାକିଆ ସ୍ୱାଧୀନ ରାଷ୍ଟ୍ର ଭାବେ ମାନ୍ୟତା ପାଇବା ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ହେବ ପ୍ରଥମ ଗସ୍ତ । ସେଠାରେ ଶ୍ରୀ ମୋଦୀ ସ୍ଲୋଭାକିଆର ଶୀର୍ଷ ନେତୃମଣ୍ଡଳୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗଦେବେ ।

ଏହା ପରେ ଫ୍ରାନ୍ସ ଗସ୍ତରେ ଆସି ଶ୍ରୀ ମୋଦୀ ନାଇସ୍, ଇଭିଆନ୍ ଏବଂ ପ୍ୟାରିସ୍‌କୁ ଯିବେ । ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ୫୨ ତମ **G7** ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଇଭାନିଆ ଯାତ୍ରା କରିବେ ।

ଏକ ଅଂଶିଦାର ଦେଶ ଭାବେ ବୈଠକରେ ଯୋଗଦେବାକୁ ଭାରତକୁ ଆମନ୍ତ୍ରଣ କରାଯାଇଛି । ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ **G7** ସଦସ୍ୟ ରାଷ୍ଟ୍ରର ନେତୃତ୍ୱଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଦକ୍ଷିଣ କୋରିଆ, କେନିଆ, ବ୍ରାଜିଲ୍ ଏବଂ ମିଶର୍ ଏହି ସମ୍ମିଳନୀରେ ଅଂଶଦାର ରାଷ୍ଟ୍ର ଭାବେ ଯୋଗଦେଉଛନ୍ତି । ବିଶ୍ୱ ବ୍ୟାଙ୍କ୍, ଆଫ୍ରିକୀୟ ବିକାଶ ବ୍ୟାଙ୍କ୍, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଏବଂ ଓ.ଇ.ସି.ଡି.ର ପ୍ରତିନିଧି ମଣ୍ଡଳୀ ଏହି ବୈଠକରେ ଯୋଗଦେଉଛନ୍ତି ବୋଲି ସଚିବ ସିବି ଜର୍ଜ୍ କହିଛନ୍ତି ।

## ଇଣ୍ଡିଆ-ମାଲଦୀପ୍ସ

ମାଲଦୀପରେ ବୃଦ୍ଧି ପାଉଥିବା ମିଳିମିଳା ରୋଗକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ସହାୟତା ପ୍ରଦାନ କରିଛନ୍ତି । ଭାରତ’ ମାଲଦୀପକୁ ୨୦ ହଜାର ଡୋଜ୍ ମିଳିମିଳା ଟିକା ଏବଂ ପ୍ରାୟ ୩ ଟନ୍

ଚିକିତ୍ସା ସାମଗ୍ରୀ ପଠାଇଛି । ସେଠାରେ ଟିକାକରଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ଜନସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁରକ୍ଷିତ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଇଣ୍ଡିଆ-ନେପାଳ

ଭାରତ ଓ ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ଡିଜିଟାଲ୍ ଆର୍ଥିକ ଯୋଗଯୋଗକୁ ସୁଦୃଢ଼ କରିବା ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ପିୟର୍ ଟୁ ପିୟର୍ ସୀମା ପାର ରେମିଟାନ୍ସ ପ୍ରକ୍ରିୟାକୁ କାର୍ଯ୍ୟକାରି କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ସୂଚନା ଦେଇଛି । ଏହି ବ୍ୟବସ୍ଥା ଭାରତର ୟୁ.ପି.ଆଇ. ଏବଂ ନେପାଳର ଏନ୍.ପି.ଆଇ. ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରିବାରେ ସହାୟକ ହେବ ବୋଲି ଅର୍ଥମନ୍ତ୍ରଣାଳୟ କହିଛି । ଏହାଦ୍ୱାରା ଉଭୟ ଦେଶର ନାଗରିକ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ଲିକେସନ୍ସ ଓ ଡିଜିଟାଲ୍ ୱାଲେଟ୍ ମାଧ୍ୟମରେ ସିଧାସଳଖ ଆର୍ଥିକ କାରବାର କରିବାକୁ ସକ୍ଷମ ହେବେ ।

## ଯୋଶୀ-ଫୁଡ୍ ଗ୍ରେନ୍ ପ୍ରଡକସନ୍

ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି, ୨୦୨୫-୨୬ କୃଷି ବର୍ଷରେ ଭାରତ ରେକର୍ଡ଼ ପରିମାଣ ଖାଦ୍ୟ ଶସ୍ୟ ଉତ୍ପାଦନ କରିଛି । ଚାଉଳ ଏବଂ ଗହମ ଉତ୍ପାଦନ ସର୍ବାଧିକ ହୋଇଥିବା ସେ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି, ଏଭଳି ସଫଳତା ଦେଶର ଖାଦ୍ୟ ସୁରକ୍ଷା କ୍ଷେତ୍ରକୁ ସୁଦୃଢ଼ କରୁଛି । କୃଷିଜୀବୀଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ସହିତ ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣକୁ ଅଧିକ ମଜବୁତ କରୁଛି ବୋଲି ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି । ଖାଦ୍ୟଶସ୍ୟର ରେକର୍ଡ଼ ଉତ୍ପାଦନ, ଦେଶର କୃଷି କ୍ଷେତ୍ରର ଦକ୍ଷତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କୃଷକ କୈନ୍ଦ୍ରିକ ପଦକ୍ଷେପର ସଫଳତାକୁ ପ୍ରତିପାଦନ କରୁଛି ବୋଲି ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି ।

## ଇଣ୍ଟର-ମିନିଷ୍ଟ୍ରିଆଲ୍

ଓମାନ ଉପକୂଳରେ ଆମେରିକୀୟ ସେନା ଦ୍ୱାରା ପାଲାଉ ପତାକା ଯୁକ୍ତ ଜାହାଜ ଏମ୍.ଟି. ସେଟେବେଲୋ ଉପରେ ଆକ୍ରମଣ ଯୋଗୁଁ ୩ ଜଣ ଭାରତୀୟ ନାବିକଙ୍କର ମୃତ୍ୟୁ ଘଟିଛି । ଜାହାଜରେ ନିଆଁ ଲାଗିଯିବାରୁ ସେମାନଙ୍କର ମୃତ୍ୟୁ ହୋଇଥିବା ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ

ସୋନଓ୍ୱାଲ ସ୍ପଷ୍ଟ କରିଛନ୍ତି । ଜାହାଜରେ ୨୪ ଜଣ ଭାରତୀୟ ନାଗରିକ ରହିଥିଲେ । ସେମାନଙ୍କ ମଧ୍ୟରୁ ୨୧ ଜଣଙ୍କୁ ଓମାନ୍ କର୍ତ୍ତୃପକ୍ଷ ଉଦ୍ଧାର କରିଛନ୍ତି । ଏହି ଘଟଣାକୁ ଭାରତ ଦୃଢ଼ ନିନ୍ଦା କରିଛି । ନୂଆଦିଲ୍ଲୀରେ ଆନ୍ତଃ ମନ୍ତ୍ରଣାଳୟ ଗଣମାଧ୍ୟମକୁ ସମ୍ବୋଧନ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଆମେରିକାର ଚାର୍ଜ ଡି. ଆଫେୟର୍ସଙ୍କୁ ଏହି ଘଟଣା ନେଇ କେନ୍ଦ୍ର ସମନ ଜାରି କରିଛନ୍ତି । ଏପରି ଘଟଣାକୁ ତୁରନ୍ତ ବନ୍ଦ କରିବାକୁ ଆହ୍ୱାନ ଦେବା ସହ ସରକାର ସେଠାରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ପାଇଁ ଆଲୋଚନା ଓ କୂଟନୈତିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

## ଫିଫା ୱାର୍ଲ୍ଡକପ୍

୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହେଉଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ମେକ୍ସିକୋ ଏବଂ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ । ମେକ୍ସିକୋ ସିଟିର ଐତିହାସିକ ଏଷ୍ଟାଡିଓ ଆଜ୍‌ଟେକାଠାରେ ଏହି ମ୍ୟାଚ୍ ଭାରତୀୟ ସମୟ ରାତି ସାଢ଼େ ୧୨ଟାରେ ଆରମ୍ଭ ହେବ । ଆମେରିକା, କାନାଡ଼ା ଏବଂ ମେକ୍ସିକୋ ମିଳିତ ଭାବେ ଚଳିତବର୍ଷ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାର ଆୟୋଜନ

କରୁଛନ୍ତି । ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଚଳିତବର୍ଷ ସବୁଠାରୁ ଅଧିକ ୪୮ଟି ଦେଶ ଅଂଶଗ୍ରହଣ କରୁଛନ୍ତି । ମୋଟ୍ ୧୦୪ଟି ମ୍ୟାଚ୍ ଖେଳାଯିବ । ସେଥିରେ ୭୨ଟି ଗ୍ରୁପ୍ ର୍ପର୍ଯ୍ୟାୟ ୩୨ଟି ନକ୍ଆଉଟ୍ ପର୍ଯ୍ୟାୟ ମ୍ୟାଚ୍ ଅନ୍ତର୍ଭୁକ୍ତ । ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକୁ ୧୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଏପର୍ଯ୍ୟନ୍ତ ବିଶ୍ୱର ୮ଟି ଦେଶ ବିଶ୍ୱକପ୍ ଟାଇଟଲ ହାସଲକରିପାରିଛନ୍ତି । ସେଗୁଡ଼ିକ ହେଲା ବ୍ରାଜିଲ୍, ଇଟାଲୀ, ଜର୍ମାନୀ, ସ୍ପେନ୍, ଆର୍ଜେଣ୍ଟିନା, ଇଂଲଣ୍ଡ, ଫ୍ରାନ୍ସ ଏବଂ ଉରୁଗୁଏ ।

## ୱିମେନ୍-ଟି-ଟ୍ୱେଣ୍ଟି ୱାର୍ଲ୍ଡକପ୍

ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତା ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଏକମାସ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ବିଭିନ୍ନ ମ୍ୟାଚ୍ ଇଂଲଣ୍ଡ ଏବଂ ୱେଲ୍ସରେ ଖେଳାଯିବ । ଉଦ୍‌ଘାଟନୀ ମ୍ୟାଚ୍ ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍‌ଠାରେ ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ । ଜୁଲାଇ ୫ ତାରିଖରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଖେଳାଯିବ । ପାକିସ୍ତାନ ବିପକ୍ଷରେ ଆସନ୍ତା ରବିବାର ଦିନ ଭାରତୀୟ ମହିଳା ଦଳ ତାଙ୍କର ଅଭିଯାନ ଆରମ୍ଭ କରିବେ । ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ପାଇଁ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି ।